## ରାଜ୍ୟ ସ୍ୱାସ୍ଥ୍ୟ ସେବାରେ ବଡ଼ ପଦକ୍ଷେପ: ଫାର୍ମାସିଷ୍ଟ ଅଫିସର, ଅପଥାଲାମିକ୍ ଅଫିସର ଏବଂ ମେଡିକାଲ ଲ୍ୟାବ୍ ଟେକ୍ନିସିଆନ୍ ପଦବୀ ନିଯୁକ୍ତି ନିମନ୍ତେ ସ୍ୱାସ୍ଥ୍ୟବିଭାଗର ପଦକ୍ଷେପ

ଭୁବନେଶ୍ୱର, ୧୩/୦୭/୨୦୨୬: ରାଜ୍ୟର ସାଧାରଣ ଜନତାଙ୍କୁ ଉନ୍ନତମାନର ଚିକିତ୍ସା ସେବା ଯୋଗାଇଦେବା ପାଇଁ ସ୍ୱାସ୍ଥ୍ୟବିଭାଗ ପଦକ୍ଷେପ ଗ୍ରହଣ କରୁଛନ୍ତି । ଏହି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନରେ ବହୁ ସଂଖ୍ୟାରେ ନୂତନ ବୈଷୟିକ ପଦବୀ ନିଯୁକ୍ତି କରାଯିବ ।

ଔଷଧ ସେବନ ଓ ବିତରଣ ବ୍ୟବସ୍ଥା ପାଇଁ ନୂତନ ୧୧୦୮ ଫାର୍ମାସିଷ୍ଟ ଅଧିକାରୀ (Pharmacist Officer) ପଦବୀ , ଆଖି ସ୍ୱାସ୍ଥ୍ୟର ଯତ୍ନ ପାଇଁ ୨୩୮ ଅପ୍ଥାଲମିକ୍ ଅଫିସର (Ophthalmic Officer) ଏବଂ ରୋଗର ସଠିକ୍ ଚିହ୍ନଟ ଓ ପରୀକ୍ଷଣ ପ୍ରକ୍ରିୟା ନିମନ୍ତେ ୩୮୦ ମେଡିକାଲ ଲ୍ୟାବ୍ ଟେକ୍ନିସିଆନ୍ (Medical Lab Technician) ପଦବୀ ନିଯୁକ୍ତି ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଉଛି । ଏହି ପଦବୀ ଗୁଡିକୁ ଅର୍ଥ ବିଭାଗ ମଞ୍ଜୁରୀ ମିଳିସାରିଛି ।

ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ ନିଜ ବକ୍ତ୍ୟବ୍ୟରେ କହିଛନ୍ତି ଯେ " ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ସ୍ୱାସ୍ଥ୍ୟ ବିଭାଗ ମାନବ ସମ୍ବଳର ଉନ୍ନତି ହୋଇଛି । ମେଡ଼ିକାଲଗୁଡ଼ିକରେ କର୍ମଚାରୀଙ୍କ ଅଭାବ ଦୂର କରିବା ଏବଂ ରୋଗୀମାନଙ୍କୁ ବିନା କୌଣସି ଅସୁବିଧାରେ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ହିଁ ମୂଳ ଲକ୍ଷ୍ୟ।"

ଏହି ସମସ୍ତ ପଦବୀଗୁଡ଼ିକ ଆଗାମୀ ଦିନରେ ନିୟମିତ ପ୍ରକ୍ରିୟା ମାଧମରେ ସ୍ୱଛତାର ସହ ପୂରଣ କରାଯିବ।

ସରୋଜ କୁମାର ସାହୁ
ଲୋକସମ୍ପର୍କ ଅଧିକାରୀ